# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 5 July – 2024

------------------------------------------------------------------------

## ରତ୍ନଭଣ୍ଡାର-ଆଇନମନ୍ତ୍ରୀ

ପୁରୀ ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଖୋଲିବାକୁ ନେଇ ରାଜ୍ୟ ସରକାର ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ନୂଆ କମିଟି ଗଠନ କରିଛନ୍ତି । ପୁରୀ ଜିଲ୍ଲାପାଳ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ କମିଟିରେ ୧୬ ଜଣ ସଦସ୍ୟ ଅଛନ୍ତି । କମିଟିର ପ୍ରଥମ ବୈଠକ ଆସନ୍ତାକାଲି ପୁରୀଠାରେ ଅନୁଷ୍ଠିତ ହେବ । ରତ୍ନଭଣ୍ଡାର ଖୋଲିବା ଏବଂ ଏହି ସଂକ୍ରାନ୍ତୀୟ ପରବର୍ତ୍ତୀ ପଦକ୍ଷେପ ବିଷୟରେ କମିଟି ବିଚାର କରିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିର ଶ୍ରୀଜୀଉମାନଙ୍କର ସବୁଠାରୁ ବଡ଼ ବନକଲାଗି ନୀତି ଆଜି ଆରମ୍ଭ ହେବ । ଦୁଇଦିନ ଧରି ଏହି ବନକଲାଗି ନୀତି ଚାଲିବ । ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର ସେବକ ଦତ୍ତ ମହାପାତ୍ରଙ୍କ ସହ ଦଇତାପତି, ପତିମହାପାତ୍ର ସେବକମାନେ ଶ୍ରୀନଅରକୁ ଖଡ଼ି ପ୍ରସାଦ ଆଜି ବିଜେ କରିବେ । ବଡ଼ଦେଉଳକୁ ଖଡ଼ି ବିଜେ ହେବା ପରେ ଶ୍ରୀମୁଖ ଶୃଙ୍ଗାର ପର୍ବ

ଆରମ୍ଭ ହେବ । ଶ୍ରୀଜୀଉମାନଙ୍କର ନବଯୌବନ ପ୍ରାପ୍ତି ଆସନ୍ତା ରବିବାର ଦିନ ହେବ ।

## ଶ୍ରୀମନ୍ଦିର ପ୍ରବେଶ କଟକଣା

ଶ୍ରୀଜୀଉମାନଙ୍କର ରଥଯାତ୍ରା ଦିନ ଶ୍ରୀମନ୍ଦିରକୁ ସର୍ବସାଧାରଣଙ୍କ ପ୍ରବେଶକୁ ବାରଣ କରାଯାଇଛି । ଶ୍ରୀଜୀଉମାନଙ୍କର ନୀତି ସମ୍ପାଦନ ପାଇଁ ଶ୍ରୀଗୁଣ୍ଡିଚା ଦିନ ଶ୍ରୀମନ୍ଦିର ଭିତରେ ପହଣ୍ଡି ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଅଭିଯୋଗ ଶୁଣାଣି ବନ୍ଦ ରହିବ

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଓଡ଼ିଶା ସରକାର ଜୁଲାଇ ୮ ତାରିଖ ସୋମବାର ଦିନଟିକୁ ସରକାରୀ ଛୁଟିଦିନ ଘୋଷଣା କରିଛନ୍ତି । ସେଥିପାଇଁ ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଦିବ୍ୟାଙ୍ଗ ମେଳା

କେନ୍ଦ୍ର ସରକାରଙ୍କର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରର କିଟ୍ କ୍ୟାମ୍ପସ୍‌ରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଦିବ୍ୟ କଳା ମେଳା, ଦିବ୍ୟ କଳା ଶକ୍ତି ଓ ଦିବ୍ୟାଙ୍ଗ ଜନ ରୋଜଗାର ମେଳା ଚାଲିବ । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମା ଏହି ମେଳାକୁ ଉଦ୍‌ଘାଟନ କରିବେ । ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର,

ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାର ଦିବ୍ୟାଙ୍ଗଜନଙ୍କ ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକ ଭୋକାଲ୍ ଫର୍ ଲୋକାଲ୍ ମାଧ୍ୟମରେ ମେଳାରେ ପ୍ରଦର୍ଶିତ ହେବ ।

## ଲୋକସେବା ଅଧିକାର ଅଧିନିୟମ

ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଆଉ ୫ଟି ସେବାକୁ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ-୨୦୧୨ରେ ଅନ୍ତର୍ଭୁକ୍ତ କରିବେ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ଭାବେ ସାମିଲ ହେବାକୁ ଥିବା ଏହି ୫ଟି ସେବା ମଧ୍ୟରେ ଗୃହ ନିର୍ମାଣ ନକ୍ସାର ପରିବର୍ତ୍ତନ ଏବଂ ସଂଯୋଗ, ସଂଶୋଧନ ନିମନ୍ତେ ପ୍ରଦାନ କରାଯାଉଥିବା ଅନୁମତିର ସମୟସୀମା ହ୍ରାସ କରାଯିବା ପ୍ରସ୍ତାବ ରହିଛି । ସେହିଭଳି ଟ୍ରେଡ୍ ଲାଇସେନ୍ସ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଯେଭଳି ଗୋଟିଏ ଦିନରେ ମିଳିପାରିବ ତା’ର ବ୍ୟବସ୍ଥା କରାଯାଉଛି । ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗର ୨୬ଟି ସେବା ଲୋକସେବା ଅଧିକାର ଆଇନ ଅନ୍ତର୍ଭୁକ୍ତ ଥିଲା । ସୂଚନାଅନୁସାରେ ଏହି ୫ଟି ସେବାକୁ ମିଶାଇ ରାଜ୍ୟ ସରକାରଙ୍କ ୩୧ଟି ବିଭାଗର ୪୨୨ଟି ସେବା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ହୋଇଛି ।

## ଡାକ୍ତରୀ ପାଠପଢ଼ା

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଅନୁସାରେ ଡାକ୍ତରୀ ପାଠ୍ୟକ୍ରମ-ଏମ୍.ବି.ବି.ଏସ୍.ରେ ଓଡ଼ିଆରେ ପାଠପଢ଼ା ହେବ । ଏଥିପାଇଁ ରାଜ୍ୟ ସରକାର ୨୨ ଜଣିଆ ପ୍ରଫେସର ଓ ଡାକ୍ତରଙ୍କର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ପାଠ୍ୟ ପୁସ୍ତକ ବିଶେଷଜ୍ଞ କମିଟି ଏମ୍.ବି.ବିଏସ୍. ପାଇଁ ଉଦ୍ଦିଷ୍ଟ ବହି ଗୁଡ଼ିକୁ ଚିହ୍ନଟ କରିବେ । କମିଟିର ସ୍ୱୀକୃତି ମିଳିବା ପରେ ବହିଗୁଡ଼ିକ ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରାଯିବ । ପୂର୍ବରୁ ରାଜ୍ୟ ସରକାର ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ଓଡ଼ିଆରେ ପାଠ୍ୟପୁସ୍ତକ ଉପଲବ୍ଧ କରାଇଛନ୍ତି ।

# ଫସଲ ବୀମା

ରାଜ୍ୟର ଚାଷୀମାନଙ୍କୁ ୧ ଟଙ୍କା ପ୍ରିମିୟମ୍‌ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଦେବା ପାଇଁ ପଦକ୍ଷେପ ନେବାକୁ ସମବାୟ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଋଣ ନେଉଥିବା ଚାଷୀମାନଙ୍କୁ ଏହି ବୀମା ଯୋଜନାରେ ପଞ୍ଜୀକୃତ କରିବା ପାଇଁ ନିର୍ଦ୍ଦେଶ ରହିଛି । ରାଜ୍ୟ ସରକାର ଚଳିତବର୍ଷ ୧୧ ହଜାର କୋଟି ଟଙ୍କାର ଫସଲ ଋଣ ଦେବା ପାଇଁ ଯୋଜନା କରିଛନ୍ତି । ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ଚାଷୀଙ୍କୁ କୌଣସି ସୁଧ ଦେବାକୁ ପଡ଼ିନଥାଏ ଏବଂ ୧ଲକ୍ଷ ରୁ ୩ ଲକ୍ଷ ଟଙ୍କା ଋଣ ଉପରେ ୨ ପ୍ରତିଶତ ସୁଧ ଚାଷୀମାନେ ଦେଇଥାନ୍ତି ।

## ଛାତ୍ରଛାତ୍ରୀ- ପୋଷାକ

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜଣଙ୍କ ପିଛା ୫୦୦ ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ପ୍ରଦାନ କରାଯିବ । ଚଳିତବର୍ଷ ପୋଷାକର ରଙ୍ଗରେ ପରିବର୍ତ୍ତନ କରାଯାଇ ନାହିଁ । ମିଳିଥିବା ସୂଚନା ଅନୁସାରେ ଆସନ୍ତାବର୍ଷ ଠାରୁ ସ୍କୁଲ୍ ୟୁନିଫର୍ମ ପୋଷାକର ରଙ୍ଗରେ ପରିବର୍ତ୍ତନ କରାଯିବ । ଚଳିତ ମାସ ୩୦ ତାରିଖ ସୁଦ୍ଧା ପୋଷାକ ବଣ୍ଟନ କାର୍ଯ୍ୟ ଶେଷ କରିବା ପାଇଁ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଦିବ୍ୟାଙ୍ଗ ମେଳା

କେନ୍ଦ୍ର ସରକାରଙ୍କର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରର କିଟ୍ କ୍ୟାମ୍ପସ୍‌ରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଦିବ୍ୟ କଳା ମେଳା, ଦିବ୍ୟ କଳା ଶକ୍ତି ଓ ଦିବ୍ୟାଙ୍ଗ ଜନ ରୋଜଗାର ମେଳା ଚାଲିବ । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମା ଏହି ମେଳାକୁ ଉଦ୍‌ଘାଟନ କରିବେ । ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାର ଦିବ୍ୟାଙ୍ଗଜନଙ୍କ ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକ ଭୋକାଲ୍ ଫର୍ ଲୋକାଲ୍ ମାଧ୍ୟମରେ ମେଳାରେ ପ୍ରଦର୍ଶିତ ହେବ ।